**GOVERNMENT OF ODISHA**

**REVENUE AND DISASTER MANAGEMENT DEPARTMENT**

*******

## PRESS BRIEF

In view of the larger interest of Scheduled Tribes, Regulation-2, 1956 is being enforced in the Scheduled Areas of the State. In 2002, after some amendments were made in this Act, a person belonging to the Scheduled Tribe category can transfer his immovable property only to the person belonging to Scheduled Tribe. A person belonging Scheduled Tribe in Scheduled Area can mortgage his land to any public financial institution for agricultural purpose only.

Due to such provisions, the educated youth belonging to Scheduled Tribes were facing many difficulties. Realizing this problem, basing on the recommendations of the Scheduled Tribes Advisory Council, some amendments to this Act have been approved by Cabinet.

Accordingly, a Scheduled Tribe person may, with the written permission of the Sub- Collector, make a gift or exchange for public purposes or obtain a loan by securing a mortgage in a public financial institution for agriculture, construction of residential house, higher studies of children, self-employment, business or establishment of small scale industries or transfer the same favour of a person not belonging to Scheduled Tribe for the above purpose. But, after such transfer, he should not be landless or homestead less. If the Sub-Collector does not grant permission, then the person can appeal to the Collector within six months, whose decision shall be final.

# ଓଡିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

*****

## ପ୍ରେସ ବାର୍ତ୍ତା

ଅନୁସୂଚିତ ଜନଜାତି ମାନଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟରେ ଅନୁସୂଚିତ ଅଞ୍ଚଳରେ ରେଗୁଲେସନ-୨,୧୯୫୬ ଆଇନ ପ୍ରଚଳନ ହୋଇ ଆସୁଅଛି । ୨୦୦୨ମସିହାରେ ଏହି ଆଇନରେ କେତେକ ସଂଶୋଧନ ଫଳରେ ଜଣେ ଅନୁସୂଚିତ ଜନଜାତି ବର୍ଗର ବ୍ୟକ୍ତି ତାର ସ୍ଥାବର ସମ୍ପତ୍ତି କେବଳ ସେହି ବର୍ଗର ବ୍ୟକ୍ତିଙ୍କୁ ହିଁ ହସ୍ତାନ୍ତର କରିପାରିବ । ଏହି ଆଇନ ଅନୁଯାୟୀ ଜଣେ ଅନୁସୂଚିତ ଜନଜାତି ବର୍ଗର ବ୍ୟକ୍ତି, କେବଳ କୃଷି ଉଦ୍ଦେଶ୍ୟରେ ତାର ଜମିକୁ ଯେକୌଣସି ସର୍ବସାଧାରଣ ଅର୍ଥକରି ସଂସ୍ଥାରେ ବନ୍ଧକ ରଖିପାରିବ ।

ଆଇନରେ ଏପରି ବ୍ୟବସ୍ଥା ଦ୍ୱାରା ଅନୁସୂଚିତ ଜନଜାତି ବର୍ଗର ଶିକ୍ଷିତ ଯୁବକ ମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହି ଅସୁବିଧାକୁ ହୃଦୟଙ୍ଗମ କରି ଅନୁସୂଚିତ ଜନଜାତି ପରାମର୍ଶଦାତା ପରିଷଦର ସୁପାରିଶକୁ ଭିତ୍ତିକରି ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ଏହି ଆଇନରେ କେତେକ ସଂଶୋଧନ କରିବାକୁ କ୍ୟାବିନେଟରେ ପ୍ରସ୍ତାବ ପାରିତ ହୋଇଅଛି ।

ଯାହାଫଳରେ ଜଣେ ଅନୁସୂଚିତ ଜନଜାତି ବର୍ଗର ବ୍ୟକ୍ତି ଉପ-ଜିଲ୍ଲାପାଳଙ୍କ ଠାରୁ ଲିଖିତ ଅନୁମତି କ୍ରମେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉପହାର କରିପାରିବେ ଅଥବା କୃଷି, ଆବାସିକ ଗୃହ ନିର୍ମାଣ, ପିଲାମାନଙ୍କର ଉଚ୍ଚ ଶିକ୍ଷା, ଆତ୍ମନିଯୁକ୍ତି, ବ୍ୟବସାୟ କିମ୍ବା କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ନିମନ୍ତେ ସର୍ବସାଧାରଣ ଅର୍ଥକରି ସଂସ୍ଥାରେ ବନ୍ଧକ ରଖି ଋଣ ଆହରଣ କରିବା ସହ ଜଣେ ଅଣ-ଅନୁସୂଚିତ ଜନଜାତି ବ୍ୟକ୍ତିଙ୍କୁ ସମ୍ପତ୍ତି ହସ୍ତାନ୍ତର କରିପାରିବ । ହେଲେ ଏହି ବ୍ୟକ୍ତି ଯେପରି ଭୂମିହୀନ ବା ଗୃହଶୂନ୍ୟ ନହୁଏ, ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦିଆଯିବ ଉଚିତ । ଯଦି ଉପ-ଜିଲ୍ଲାପାଳ ଅନୁମତି ନ ଦିଅନ୍ତି, ତାହେଲେ ସେ ବ୍ୟକ୍ତି ଛଅ ମାସ ମଧ୍ୟରେ ଜିଲ୍ଲାପାଳଙ୍କୁ ଆବେଦନ କରିପାରିବେ, ଯାହାକି ଚୁଡାନ୍ତ ନିଷ୍ପତ୍ତି ହେବ ।